This Question Paper consists of **13** questions **8** printed pages.
ଏହି ପ୍ରଶ୍ନପତ୍ରରେ **13** ଟି ପ୍ରଶ୍ନ ରହିଛି ଏବଂ ଏଥିରେ **8** ପୃଷ୍ଠା ଅଛି ।

**Roll No.** | | | | | | | | | | | | **Code No. 65/SS/A/OR**
ରୋଲ୍ ନଂ. କୋଡ୍ ନମ୍ବର

**SET**/ସେଟ୍ **A**

# ODIA

## ଓଡ଼ିଆ

## (305)

**Day and Date of Examination**
(ପରୀକ୍ଷାର ଦିନାଙ୍କ ଓ ତାରିଖ) ____________________

**Signature of Invigilators** **1.** ____________________
(ନିରୀକ୍ଷକଙ୍କ ସ୍ୱାକ୍ଷର)
**2.** ____________________

ନିର୍ଦ୍ଦେଶାବଳୀ :

**1** ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ପରୀକ୍ଷାର୍ଥୀ ନିଜର ରୋଲ ନମ୍ବର (Roll Number) ନିର୍ଦ୍ଦିଷ୍ଟ ସ୍ଥାନରେ ନିଶ୍ଚିତ ଲେଖନ୍ତୁ ।

**2** ପ୍ରଶ୍ନପତ୍ରର ସମସ୍ତ ମୁଦ୍ରିତ ପୃଷ୍ଠା ଓ ପ୍ରଶ୍ନସଂଖ୍ୟା ପ୍ରଶ୍ନପତ୍ରର ପ୍ରଥମ ପୃଷ୍ଠାରେ ଦିଆଯାଇଥିବା ସଂଖ୍ୟା ସହ ମିଳାଇ ନିଅନ୍ତୁ । ପ୍ରଶ୍ନଗୁଡ଼ିକ କ୍ରମାନୁଯାୟୀ ଅଛି କି ନାହିଁ ଦେଖି ନିଅନ୍ତୁ ।

**3** ଉତ୍ତର ପୁସ୍ତିକାରେ ସମସ୍ତ ପ୍ରଶ୍ନର ଉତ୍ତର ଲେଖନ୍ତୁ ।

**4** ସମସ୍ତ ପ୍ରଶ୍ନର ଉତ୍ତର ନିର୍ଦ୍ଧାରିତ ସମୟ ଭିତରେ ଦେବାକୁ ହେବ ।

**5** ଉତ୍ତର ପୁସ୍ତିକାର ନିର୍ଦ୍ଦିଷ୍ଟ ସ୍ଥାନ ବ୍ୟତିତ ଅନ୍ୟ କୌଣସି ସ୍ଥାନରେ ପରୀକ୍ଷାର୍ଥୀ ଯଦି ନିଜ ରୋଲ ନମ୍ବର ଲେଖନ୍ତି କିମ୍ବା ଅନ୍ୟ କିଛି ଚିହ୍ନ ଦିଅନ୍ତି ତେବେ ପରୀକ୍ଷାର୍ଥୀଙ୍କୁ ଅଯୋଗ୍ୟ ଘୋଷିତ କରାଯିବ ।

**6** ପ୍ରଶ୍ନପତ୍ରର କୋଡ୍ ନମ୍ବର **65/SS/A/OR** ସେଟ୍ **A** ଉତ୍ତର ପୁସ୍ତିକାରେ ଥିବା ନିର୍ଦ୍ଦିଷ୍ଟ ସ୍ଥାନରେ ଲେଖନ୍ତୁ ।

# ODIA

## ଓଡ଼ିଆ

## (305)

ସମୟ : **3** ଘଣ୍ଟା ]                                    [ ଅଧିକତମ ମୂଲ୍ୟ : **100**

ନୋଟ୍ : (i) **ପ୍ରତି ପ୍ରଶ୍ନର ଉତ୍ତର ଦିଅ ।**

(ii) **ପ୍ରତ୍ୟେକ ପ୍ରଶ୍ନ ସମ୍ମୁଖରେ ନିର୍ଦ୍ଧାରିତ ସଂଖ୍ୟା (ମାର୍କ) ସୂଚିତ ହୋଇଛି ।**

**1** ନିମ୍ନଲିଖିତ ଯେ କୌଣସି ଚାରୋଟିର ବିପରୀତ ଶବ୍ଦ ଲେଖ । **1×3=3**

(କ) ଅନୁରାଗ, ଅମୃତ, ଉତ୍ସାହ, କପଟ, କୋମଳ, କୃତଘ୍ନ, ଅସୀମ

(ଖ) ନିମ୍ନଲିଖିତ କୌଣସି ଚାରୋଟିର ରୂଢ଼ିର ଅର୍ଥ ଲେଖ ।

କୁହୁଡିରେ ପହଁରିବା, ନାଟର ଗୋବର୍ଦ୍ଧନ, ଓଳିଆରୁ ଗଜା, ଅହିନକୁଳ ସଂପର୍କ, ତିଳକୁ ତାଳ କରିବା, କଳାକନା ବୁଲାଇବା, ତିନିପାଞ୍ଚିରୁ ଯିବା

(ଗ) ନିମ୍ନଲିଖିତ ଯେକୌଣସି ୪ଟିର ଶୁଦ୍ଧରୂପ ଲେଖ ।

ହୃଷ୍ଟପୃଷ୍ଟ, ପୌରହିତ୍ୟ, ଧୂମ୍ରପାନ, ଭୁବନେଶ୍ୱର, ନିର୍ଦ୍ଧୋଷୀ, ପରିସ୍କାର, ବ୍ୟବହାରିକ

(ଘ) ନିମ୍ନଲିଖିତ ବିଶେଷ୍ୟପଦ ଗୁଡିକ ମଧ୍ୟରୁ ଚାରୋଟିର ବିଶେଷଣ ପଦ ଲେଖ ।

ଲୋଭ, ଲୟ, ସନ୍ଧ୍ୟା, ଉନ୍ନତି, ଯୌବନ, ବିଷ୍ଣୁ, ମୂଲ୍ୟ

2 ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟ ସ୍ଥାନ ପୂରଣ କର : **1×3=3**

(କ) ________ ଠାରେ ବିରାଟ ଘାଇ ବନ୍ଧା ଯାଇଛି

(ଖଲିକୋଟ, ଗଂଜାମ, ରସୁଲକୋଣ୍ଡା, ଆସିକା)

(ଖ) ଏ ଦେଶ ଆମର ବ୍ରିଟିଶ ________ ପାଇଁ ସ୍ଥାନ ଏଠି ନାହିଁ ।

(ସରକାର, ସାହେବ, ଗୋଲାମ)

(ଗ) ଲଣ୍ଡନ ________ ରେ ପ୍ରଧାନମନ୍ତ୍ରୀଙ୍କ ବାସଭବନ ।

(ଡାଇନିଙ୍ଗ ଷ୍ଟ୍ରୀଟ୍, ପାର୍କଷ୍ଟ୍ରୀଟ୍, ମଲଷ୍ଟ୍ରୀଟ୍)

(ଘ) କାର୍ ରେ ସମୁଦାୟ ________ ଜଣ ବସିଥିଲେ ।

(ଜଣେ, ଦୁଇଜଣ, ତିନିଜଣ, ଚାରିଜଣ)

(ଙ) କେହି ଜଣେ ଭଦ୍ରଲୋକ ହାତୀର ଗୋଡ ଛୁଇଁ ହାତୀ ଦେଖିବାକୁ ________ ପରି କହିଦେଲେ ।

(ଖମ୍ବ, ଗଛ, ଶଗଡ, ବତୀଖୁଣ୍ଟ)

3 ବନ୍ଧନୀ ମଧ୍ୟରୁ ସଠିକ୍ ଉତ୍ତର ବାଛି ଯେ କୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : **3**

(କ) କୁକୁର ଅଇଁଠା ପତ୍ରରେ ଧ୍ୟାନ ଦିଏ କାରଣ ପତରରେ ________ ଥାଏ ।

(ମାଂସ, ବାଲି, କାଠ)

(ଖ) ________ ନଡ଼ିଆରସ ଦେବାକୁ କୁହାଯାଇଛି ।

(ପାରା ଦୁଇଟିକୁ, କୁକୁରକୁ, ମଣିଷଙ୍କୁ ଓ ବିଲୁଆଙ୍କୁ)

(ଗ) ଘୋଡା ________ ଟାଣେ ।

(ଗାଡ଼ି, ସାଇକେଲ, ମଟର)

(ଘ) ଶେଫାଳୀ ଫୁଲ ________ ଫୁଟିଥାଏ ।

(ଗଛରେ, ଲତାରେ, ନଈକୂଳରେ)

(ଙ) ________ ସୁଖରେ ଥିଲେ ଯମ ରାଜାଙ୍କ ପ୍ରାଣ ନେଇ ପାରେନା ।

(ପ୍ରଜା, ପଶୁ, ଗଜ, ଯୋଗ)

4 ବନ୍ଧନୀ ମଧ୍ୟରୁ ଠିକ୍ ଉତ୍ତର ବାଛି ଯେକୌଣସି ତିନୋଟିର ଶୂନ୍ୟସ୍ଥାନ ପୂରଣ କର : **1×3=4**

(କ) ନବଘନ ବାବୁ ଛୋଟ ଛୋଟ କଥାରେ ________ ଅପମାନିତ କରନ୍ତି ।

(ଜେମା, ହେମ, ବେବି ନେଲିଅପା)

(ଖ) ମୁଁ ପମ୍ପା ଆରିଷ୍ଟୋକାସିକୁ ପସନ୍ଦ କରୁନି ବୋଲି ବେବୀକୁ ________ କହିଛି ।

(ନେଲିଅପା, ଜେମା, ଅଙ୍କଲ, ନବଘନ)

(ଗ) ପ୍ରବୀର ଗୋଟିଏ ଗୀତ ପାଇଁ ________ ଟଙ୍କା ନେବ ବୋଲି ବେବୀର ମନ୍ତବ୍ୟ ଥିଲା ।

(ଏକ ହଜାର, ପାଞ୍ଚ ଶହ, ଦୁଇ ହଜାର)

(ଘ) ମିସେସ୍ ସିହ୍ନା ତାଙ୍କ ପୁଅର ଜନ୍ମଦିନ ________ ମନ୍ଦିର ମଡେଲର କେକ୍ ପ୍ରସ୍ତୁତ କରିଥିଲେ ।

(ଲିଙ୍ଗରାଜ, ରାଜରାଣୀ, ଜଗନ୍ନାଥ, କୋଣାର୍କ)

(ଙ) ________ ମାନେ ଏକା ଲାଉର ମଞ୍ଜି ।

(ପ୍ରମୋସନ ପାଇଥିବା କିରାଣୀ, ଅଫିସର, ଯୁବଗୋଷ୍ଠୀ)

5 ଯେକୌଣସି ଚାରୋଟି ପ୍ରଶ୍ନର ସଂକ୍ଷିପ୍ତ ଉତ୍ତର ଦିଅ । **2×5+1=11**

କ) ଶ୍ରେଷ୍ଠ ମଣିଷ କିଏ ?

ଖ) ହେମମାଳା ଦୋତାଲା ବାରଣ୍ଡାରେ କଣ କରିଥିଲେ ।

ଗ) ଇଂଲଣ୍ଡରେ କେତେମାସ ରହିଲେ ଭୋଟ ଅଧିକାର ମିଳେ ?

ଘ) ମୋଘରେ ବ୍ରିଟିଶ୍ ପତାକା ଉଡ଼ିବ – ରାୟ ବାହାଦୂରଙ୍କ ଏ ଉକ୍ତିକୁ ବିଜୟ କାହିଁକି ବିରୋଧ କଲା ।

ଙ) ନାରସେନା ଛତ୍ରପୁରରେ କି ନାମ ଧାରଣ କରି ରହିଥିଲା ବୋଲି ଶୁଣାଯାଏ ?

ଚ) କାହାର ସମ୍ମିଶ୍ରଣକୁ ଶରୀର କୁହାଯାଏ ?

ଛ) ଅଧ୍ୟକ୍ଷ ପାହାନ୍ତାରେ କ'ଣ ଅନୁଭବ କଲେ ?

**6** ଯେକୌଣସି ଚ଼ାରୋଟି ପ୍ରଶ୍ନର ଉତ୍ତର ଦିଅ : **2×4=8**

(କ) ଯୁଧିଷ୍ଠିରଙ୍କୁ ଭୀଷ୍ମ କ'ଣ କରିବାକୁ କହିଲେ ?

(ଖ) କିଏ ଗଙ୍ଗାଠାରୁ ଗୋଦାବରୀ ପର୍ଯ୍ୟନ୍ତ ଜୟ କରିଥିଲେ ?

(ଗ) ଗାଁ ଭୁଆସୁଣୀମାନେ କିପରି ସ୍ନାନ କରନ୍ତି ?

(ଘ) କ'ଣ କଲେ ରାଜାଙ୍କୁ ଦୋଷ ଲାଗିବନି ଏବଂ ରାଜ୍ୟରେ ଲକ୍ଷ୍ମୀ ବିରାଜମାନ କରିବେ ?

(ଙ) ଉତ୍କଳ ସନ୍ତାନ କବିତାରେ କବି କାହାକୁ କାହିଁକି ଉଦ୍ବୋଧନ ଦେଇଛନ୍ତି ?

(ଚ) ସୂର୍ଯ୍ୟଦେବଙ୍କୁ କିପରି ନୈବେଦ୍ୟ ଦିଆଯାଉଛି ବୋଲି କବି ଉଲ୍ଲେଖ କରିଛନ୍ତି ?

(ଛ) କବି କାହିଁକି ନିରାଶ ହେବେ ନାହିଁ ବୋଲି କହିଛନ୍ତି ?

7 ଯେକୌଣସି ୪ଟି ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ନବଘନ ଅଣ୍ଡା ଓ ବିସ୍କୁଟ ବଦଳରେ କ'ଣ ଖାଆନ୍ତି ଓ କାହିଁକି ଖାଆନ୍ତି ?

(ଖ) ମିସେସ ସିହ୍ନା ତାଙ୍କ ପୁଅର ଜନ୍ମଦିନ କ'ଣ କରିଥିଲେ ?

(ଗ) ନବଘନଙ୍କୁ ହେମାଙ୍ଗିନୀର କେଉଁ କଥା ଭଲ ଲାଗେନା ?

(ଘ) ଗାଁ ରେ ତିଷ୍ଠି ରହିବାକୁ ହେଲେ କ'ଣ କରିବାକୁ ପଡ଼ିବ ?

(ଙ) ଆଜିକାଲି ଗାଁ ଲୋକଙ୍କର କେଉଁ କଥାକୁ ସମୟ ନାହିଁ ?

(ଚ) ଯୁବକମାନଙ୍କ ନିକଟରେ ଶକ୍ତି ଅଛି କ'ଣ କରିବା ପାଇଁ ?

(ଛ) "ହାୟରେ ହତଭାଗା ସଭ୍ୟତା' ଏହା କିଏ କାହାକୁ କହିଛି ?

8 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 2×4=8

(କ) ନାରସେନା ନାଇଡୁର ଚରିତ୍ର ଚିତ୍ରଣ କର ।

(ଖ) ବାହ୍ୟ ଅବୟବରୁ ପ୍ରକୃତ ମଣିଷ ଚିହ୍ନି ହୁଏନା - ପଠିତ ରମ୍ୟରଚନା ଅନୁସରଣରେ ଉତ୍ତର ଦିଅ ।

(ଗ) ଛୋଟ ସାଧାରଣ ଅନୁଭୂତି କିଭଳି ଲେଖକଙ୍କ ଯାଦୁକରୀ ସ୍ପର୍ଶରେ ଅସାଧାରଣ ହୋଇ ପାରିଛି ବର୍ଣ୍ଣନା କର ।

9 ଯେ କୌଣସି ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : 8

(କ) ଭୀଷ୍ମ ଯୁଧିଷ୍ଠିରଙ୍କୁ ରାଜ୍ୟ ପାଳନ ପାଇଁ କାହିଁକି ଉପଦେଶ ଦେଇଥିଲେ ?

(ଖ) 'ଉତ୍କଳ ସନ୍ତାନ' କବିତାରେ କବି କାହାକୁ ଉଦ୍‌ବୋଧନ ଦେଇଛନ୍ତି ଓ କାହିଁକି ?

(ଗ) 'ଡାଆଣିଆ ଖରା' କବିତାରେ ଗ୍ରାମ୍ୟ ଜୀବନର ଏକ ପ୍ରାକୃତିକ ଦୃଶ୍ୟ କିପରି ବର୍ଣ୍ଣନା କରାଯାଇଛି ?

**10** ଗୋଟିଏ ପ୍ରଶ୍ନର ଉତ୍ତର ଦିଅ : **8**

(କ) 'ଗାଁ ଅପେକ୍ଷା ସହର ଅଧିକ ନିରାପଦ' ଉକ୍ତିଟି ଆଲୋଚନା କର ।

(ଖ) 'ସକାଳର ମେଘ' ଏକାଙ୍କିକା ରୁ ଏହାର ନାମକରଣର ସାର୍ଥକତା ବିଚାର କର ।

(ଗ) 'ସକାଳର ମେଘ' ଏକାଙ୍କିକା ରୁ ହେମାଙ୍ଗିନୀର ଚରିତ୍ର ଚିତ୍ରଣ କର ।

**11** ନିମ୍ନଲିଖିତ ଗୋଟିକର ପ୍ରବନ୍ଧ ଲେଖ : **8**

(କ) ଉତ୍କଳ ଦିବସ

(ଖ) କମ୍ପ୍ୟୁଟର

(ଗ) ଜଙ୍ଗଲ ସୁରକ୍ଷା

(ଘ) ସର୍ବଶିକ୍ଷା ଅଭିଯାନ

**12** ପାଠପଢ଼ାରେ ଅବହେଳା ପ୍ରଦର୍ଶନ କରୁଥିବା ତୁମ ସାନଭାଇ ନିକଟକୁ ଉପଦେଶ ଦେଇ ପତ୍ରଟିଏ ଲେଖ । **8**

କିମ୍ବା

ମରୁଡି ଗ୍ରସ୍ତ ତୁମ ଅଞ୍ଚଳରେ ଜଳସେଚନ ବ୍ୟବସ୍ଥା କରିବା ପାଇଁ ଜଳସେଚନ ମନ୍ତ୍ରୀଙ୍କ ପାଖକୁ ଏକ ଦରଖାସ୍ତ ଲେଖ ।

**13** ନିମ୍ନଲିଖିତ ପରିଚ୍ଛେଦଟି ପାଠ କରି ନିମ୍ନ ପ୍ରଶ୍ନଗୁଡ଼ିକର ଉତ୍ତର ଦିଅ । **2×5+1=11**

ଶିଶୁର ମନ ହେଉଛି ଓଦାମାଟି ସଦୃଶ, ଓଦା ମାଟିରେ କାରିଗର ତା' ମନ ଲାଖି ସୁନ୍ଦର ମୂର୍ତ୍ତିଟିଏ ଗଢ଼େ । ଯେପରି ସୁନ୍ଦର କରିବାକୁ ଚାହେଁ ସେହିପରି ହୁଏ । ଠିକ୍ ସେହିପରି ଶୈଶବ ଅବସ୍ଥାରେ ଶିଶୁଠାରେ ସଂସ୍କାର ଆରୋପଣ କଲେ ପରବର୍ତ୍ତୀ ଜୀବନରେ ତାହାର ଚାରିତ୍ରିକ-ବିକାଶର ସମ୍ଭବ ହୋଇଥାଏ ; ଏବଂ ସେ ଜଣେ ଉତ୍ତମ ବ୍ୟକ୍ତି ଭାବରେ ଗଣ୍ୟ ହୁଏ, ଶିଶୁର ଚାରିତ୍ରିକ ବିକାଶରେ ମାତା ପିତା ଏବଂ ପରିବାରର ଅନ୍ୟ ସଦସ୍ୟଙ୍କର ଆଚରଣର ପ୍ରଭାବ ଅଧିକ ମହତ୍ତ୍ୱପୂର୍ଣ୍ଣ ।

ପ୍ରଶ୍ନ

(କ) ଶିଶୁର ଚାରିତ୍ରିକ ବିକାଶ କିପରି ହୁଏ ?

(ଖ) ଶିଶୁ କାହାଦ୍ୱାରା ପ୍ରଭାବିତ ହୁଏ ?

(ଗ) ଶିଶୁର ମନକୁ କାହା ସହିତ ତୁଳନା କରାଯାଇଛି ?

(ଘ) ଓଦାମାଟିରେ କାରିଗର କ'ଣ କରିଥାଏ ?

(ଙ) ଶିଶୁ ଭବିଷ୍ୟତରେ କିପରି ଜଣେ ଉତ୍ତମ ବ୍ୟକ୍ତି ହୋଇପାରିବ ?